# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**8 October – 2025**

# ଇନୋଭେଟ୍ ଟୁ ଟ୍ରାନ୍ସଫର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀ ଯଶୋଭୂମିଠାରେ ଏସିଆର ସର୍ବବୃହତ୍ ଟେଲିକମ୍, ଗଣମାଧ୍ୟମ ଏବଂ ପ୍ରଯୁକ୍ତିବିଦ୍ୟା କାର୍ଯ୍ୟକ୍ରମ ଇଣ୍ଡିଆ ମୋବାଇଲ୍ କଂଗ୍ରେସ୍-ଆଇଏମ୍ସି-୨୦୨୫ର ନବମ ସଂସ୍କରଣକୁ ଉଦ୍‌ଘାଟନ କରିବେ। ଦୂରସଂଚାର ବିଭାଗ ଏବଂ ଭାରତର ସେଲ୍ୟୁଲାର ଅପରେଟର ସଂଘ ଦ୍ୱାରା ମିଳିତ ଭାବରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଆଜିଠାରୁ ଆସନ୍ତା ଶନିବାର ପର୍ଯ୍ୟନ୍ତ 'ଇନୋଭେଟ୍ ଟୁ ଟ୍ରାନ୍ସଫର' ଶୀର୍ଷକ ଆଲୋଚନା ଅନୁଷ୍ଠିତ ହେବ। ଡିଜିଟାଲ ପରିବର୍ତ୍ତନ ଏବଂ ସାମାଜିକ ପ୍ରଗତି ପାଇଁ ନବସୃଜନକୁ ଉପଯୋଗ କରିବା ପ୍ରତି ଭାରତର ପ୍ରତିବଦ୍ଧତାକୁ ଏହି କାର୍ଯ୍ୟକ୍ରମ ପ୍ରତିଫଳିତ କରିବ। ଏହି କାର୍ଯ୍ୟକ୍ରମରେ ୭ ହଜାରରୁ ଅଧିକ ବିଶ୍ୱ ପ୍ରତିନିଧି ଏବଂ ଦେଢ଼ ଶହରୁ ଅଧିକ ଦେଶର ୪ଶହରୁ ଅଧିକ କମ୍ପାନୀ ଯୋଗଦେବେ ବୋଲି ଜଣାପଡିଛି।

# ବାଙ୍କୀ ମହୋତ୍ସବ

ବାଙ୍କୀ ଅଞ୍ଚଳକୁ ଶିଳ୍ପ ସମୃଦ୍ଧ କରିବା ସହ ସ୍ଥାନୀୟ ଯୁବଗୋଷ୍ଠୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ବାଙ୍କୀ ମହୋତ୍ସବର ରୌପ୍ୟଜୟନ୍ତୀ ସମାରୋହକୁ ଗତକାଲି ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରି କହିଛନ୍ତି, ଏହି ମହୋତ୍ସବ ଓଡିଶାର ସାହିତ୍ୟ

ସଂସ୍କୃତି ଓ ମୂଲ୍ୟବୋଧର ଜୀବନ୍ତ ପ୍ରତୀକ। ବାଙ୍କୀ ଅଞ୍ଚଳର ସମସ୍ତ ମୌଳିକ ସୁବିଧା ଯୋଗାଇ ଦେବା ପାଇଁ ସରକାର ତ୍ୱରିତ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ବାଙ୍କୀ ଗସ୍ତରେ ଯାଇ ମୁଖ୍ୟମନ୍ତ୍ରୀ ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠର ଉନ୍ନତିକରଣ ଏକ କୋଟି ଟଙ୍କା ସହାୟତା ଘୋଷଣା କରିଛନ୍ତି ।

## ରେଲଲାଇନ-କ୍ୟାବିନେଟ କମିଟି

ଦେଶର ଚାରୋଟି ଗୁରୁତ୍ୱପୂର୍ଣ୍ଣ ରେଲଲାଇନ ସମ୍ପ୍ରସାରଣ ବା ମଲ୍ଟି ଟ୍ରାକିଂ ପ୍ରକଳ୍ପକୁ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ କମିଟି ବୈଠକରେ ଅନୁମୋଦନ ମିଳିଛି । ପ୍ରାୟ ୨୪ହଜାର ୬୩୪କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ପ୍ରକଳ୍ପଗୁଡିକ ନିର୍ମାଣ କରାଯିବ ।

## ଟ୍ରେନ ଟିକେଟ ବାତିଲ

ରେଳ ମନ୍ତ୍ରଣାଳୟର ନିଷ୍ପତ୍ତି ଅନୁସାରେ ଆସନ୍ତା ଜାନୁୟାରୀ ମାସ ଠାରୁ ସଂରକ୍ଷିତ ଟ୍ରେନ ଟିକେଟ ବାତିଲ ନ କରି ନୂଆ ତାରିଖରେ ବୁକିଂ କରାଯାଇ ପାରିବ। ନୂଆ ନିୟମ ଅନୁଯାୟୀ ପରିବର୍ତ୍ତିତ ଯାତ୍ରାର ତାରିଖ ପାଇଁ ନିଶ୍ଚିତ ଟିକେଟ ମିଳିବା ସିଟ୍ ଉପଲବ୍ଧତା ଉପରେ ନିର୍ଭର କରିବ ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ଯଦି ସଂଶୋଧିତ ଭଡା ଅଧିକ ହୁଏ ତେବେ ଯାତ୍ରୀମାନଙ୍କୁ ଉପଯୁକ୍ତ ଦେୟ ଦେବାକୁ ପଡିବ । ପ୍ରଚଳିତ ନିୟମଅନୁଯାୟୀ ରେଳଯାତ୍ରାର ୪୮ରୁ ୭୨ଘଣ୍ଟା ମଧ୍ୟରେ ନିଶ୍ଚିତ

ଟିକେଟ ବାତିଲ କଲେ ଭଡା ବାବଦରେ ଦେୟର ପରିମାଣରୁ ୨୫ପ୍ରତିଶତ କଟିଥାଏ ।

## କଂଗ୍ରେସର ପ୍ରାର୍ଥୀ ଘୋଷଣା

ନୂଆପଡା ଜିଲ୍ଲା ଉପନିର୍ବାଚନ ପାଇଁ କଂଗ୍ରେସ ଦଳ  ଘାସିରାମ ମାଝିଙ୍କୁ ପ୍ରାର୍ଥୀ ଘୋଷଣା କରିଛି । ଅଖିଳ ଭାରତ କଂଗ୍ରେସ କମିଟି ସଭାପତି ମାଲ୍ଲିକାର୍ଜ୍ଜୁନ ଖଡ୍‌ଗେ, ଶ୍ରୀ ମାଝିଙ୍କ ପ୍ରାର୍ଥିତ୍ୱକୁ ଅନୁମୋଦନ କରିଛନ୍ତି । ଗତ ନିର୍ବାଚନରେ ଶ୍ରୀ ମାଝୀ ସ୍ୱାଧୀନ ପ୍ରାର୍ଥୀଭାବେ ନିର୍ବାଚନ ଲଢିଥିଲେ ।

## ଅବଧି ଶେଷ ଔଷଧ ବିତରଣ

ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକର କେତେକ ପଞ୍ଚାୟତରେ  ଔଷଧର ଅବଧି ତାରିଖ ଶେଷ ହୋଇଥିବା ଔଷଧ ବିତରଣ ଘଟଣାରେ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ସନ୍ତୋଷ କୁମାର ପଣ୍ଡା ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସୁପରିଟେଣ୍ଡେଣ୍ଟଙ୍କୁ ୨୪ଘଣ୍ଟା ମଧ୍ୟରେ ତଦନ୍ତ ରିପୋର୍ଟ ପ୍ରଦାନ କରିବା ଲାଗି କୁହାଯାଇଛି । ନନ୍ଦାହାଣ୍ଡି ବ୍ଲକ ମେଟ୍ରି ପଞ୍ଚାୟତ ବରାଗାଁ, ହିର୍ଲିଆଗୁଡା ଓ ବାଦିଗୁଡା ଗାଁରେ ଗତ ଶନିବାର ଦିନ ସ୍ୱାସ୍ଥ୍ୟ କର୍ମଚାରୀମାନେ ଘରକୁ ଘର ବୁଲି ଶିଶୁଙ୍କୁ ଔଷଧ ବାଣ୍ଟିଥିଲେ । କେତେକ ଔଷଧର ଅବଧି ଶେଷ ହୋଇଥିବା ଅଭିଯୋଗ ଆସିଥିବା ପରେ ଜିଲ୍ଲା ଚିକିତ୍ସା ମୁଖ୍ୟ ଅଧିକାରୀ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ।

# କଟକ-ଇଣ୍ଟରନେଟ୍ ସେବା

କଟକ ସହରରେ ବନ୍ଦ ରହିଥିବା ଇଣ୍ଟରନେଟ୍ ସେବା ଗତକାଲି ସନ୍ଧ୍ୟାରୁ ସ୍ୱାଭାବିକ ହୋଇଛି । ସହରର ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ରହିଛି ବୋଲି ପୁଲିସ ପକ୍ଷରୁ କୁହାଯାଇଛି । ହିଂସାତ୍ମକ କାର୍ଯ୍ୟରେ ଲିପ୍ତ ଥିବା ଅଭିଯୋଗରେ ୧୧ଜଣଙ୍କୁ ପୁଲିସ ଅଟକ ରଖିଥିବା ସୂଚନା ମିଳିଛି ।

# ବାୟୁସେନା ଦିବସ

ଭାରତୀୟ ସେନାର ଜାଗ୍ରତ ପ୍ରହରୀଭାବେ ଆକାଶମାର୍ଗରୁ ଦେଶର ସାର୍ବଭୌମତ୍ୱକୁ ସୁରକ୍ଷା ଦେବା ପାଇଁ ବାୟୁସେନା କାର୍ଯ୍ୟ କରୁଛି । ୧୯୩୨ ମସିହା ଆଜିର ଦିନରେ ଭାରତୀୟ ବାୟୁସେନା ପ୍ରତିଷ୍ଠା କରାଯାଇଥିଲା । ଆକାଶମାର୍ଗକୁ ସୁରକ୍ଷାଦେବା, ମାନବିକ ସହାୟତା ତଥା ବିପର୍ଯ୍ୟୟ ପ୍ରଶମନ କ୍ଷେତ୍ରରେ ବାୟୁସେନାର ବରିଷ୍ଠ ଯୋଗଦାନ ଏବଂ ପ୍ରଶଂସନୀୟ କାର୍ଯ୍ୟକୁ ସ୍ମୃତିରେ ରଖିବା ପାଇଁ ଆଜିର ଦିନକୁ ଭାରତୀୟ ବାୟୁସେନା ଦିବସଭାବେ ପାଳନ କରାଯାଉଛି । ଦେଶ ସ୍ୱାଧୀନତା ପରଠାରୁ ଭାରତୀୟ ବାୟୁସେନା ଚାରୋଟି ଯୁଦ୍ଧରେ ସାମିଲ ହୋଇଛି । ଭାରତୀୟ ସେନାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ବାୟୁସେନାର ଉଦ୍ୟମ ପ୍ରଶଂସନୀୟ । ଆମେରିକା, ଚୀନ ଓ ରୁଷିଆ ପରେ ବିଶ୍ୱର ଚତୁର୍ଥ ସର୍ବବୃହତ ଶକ୍ତି ହେଉଛି, ଭାରତୀୟ ବାୟୁସେନା ।

# ପାଣିପାଗ

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ଶୁକ୍ରବାର ଆଡକୁ କେନ୍ଦ୍ରୀୟ ବଙ୍ଗୋପସାଗରରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ହେଲେ ଘୂର୍ଣ୍ଣିବଳୟ ପ୍ରଭାବରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ କି ନାହିଁ ତାହା ପାଣିପାଗ ବିଭାଗ ପକ୍ଷରୁ ସ୍ପଷ୍ଟଭାବେ କୁହାଯାଇନାହିଁ । ଅନ୍ୟପକ୍ଷରେ ରାଜ୍ୟର ଉତ୍ତର ଉପକୂଳ, ଆଭ୍ୟନ୍ତରୀଣ ଅଞ୍ଚଳରେ ଏକ ନିମ୍ନ ଚାପ ରେଖା ସକ୍ରିୟ ରହିଛି । ଉତ୍ତରପୂର୍ବ ଝାଡଖଣ୍ଡ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ମଧ୍ୟ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ଏହା ପ୍ରଭାବରେ ଆସନ୍ତା ଶନିବାର ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବିଜୁଳି, ଘଡଘଡି ସହ ବର୍ଷାର ସମ୍ଭାବନା ରହିଛି । ପଶ୍ଚିମ ଓଡିଶା ଜିଲ୍ଲାଗୁଡିକ ସମେତ ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ ଏବଂ ନୟାଗଡ ଜିଲାକୁ ବଜ୍ରପାତ ସହିତ ବର୍ଷା ନେଇ ସତର୍କ ସୂଚନା ଜାରି କରାଯାଇଛି ।